# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 8 April - 2024

**********************************

## ମୁଖ୍ୟ ସମ୍ବାଦ

- ଯୁବ ପ୍ରତିଭା ଓ ସଂଶାଧନକୁ ଅଧିକ ବ୍ୟବହାର କରି ଭାରତକୁ ବିଶ୍ୱ ଅର୍ଥନୀତିରେ ଶୀର୍ଷ ସ୍ତରରେ ପହଁଞ୍ଚାଇବା ପାଇଁ ଆହ୍ୱାନ ଦେଲେ ରାଜ୍ୟପାଳ
- ରାଜ୍ୟର ବିଭିନ୍ନ ଜଙ୍ଗଲରେ ଲାଗିଥିବା ବନାଗ୍ନିର ୯୯ ଦଶମିକ ୫ ପ୍ରତିଶତ ନିଆଁକୁ ଆୟତ୍ତ କରାଯାଇଛି, କହିଲେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ
- ଜିଲ୍ଲା ଏବଂ ନିମ୍ନ ଅଦାଲତ ଗୁଡ଼ିକରେ ଆଜିଠାରୁ ଆରମ୍ଭ ହେଲା ସକାଳୁଆ କୋର୍ଟ କାର୍ଯ୍ୟ

ଏବଂ

- ଚଳିତ ବର୍ଷର ପ୍ରଥମ ସୂର୍ଯ୍ୟପରାଗ ଆଜି ହେବ ଦୃଶ୍ୟମାନ

## ସମ୍ବଲପୁର ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ

ଯୁବ ପ୍ରତିଭା ଓ ସଂଶାଧନକୁ ଅଧିକରୁ ଅଧିକ ବ୍ୟବହାର କରି ଭାରତକୁ ବିଶ୍ୱ ଅର୍ଥନୀତିରେ ଶୀର୍ଷ ସ୍ତରରେ ପହଁଞ୍ଚାଇବା ପାଇଁ ଛାତ୍ର ଶକ୍ତିକୁ ରାଜ୍ୟପାଳ ରଘୁବର ଦାସ ଆହ୍ୱାନ ଦେଇଛନ୍ତି । ସମ୍ବଲପୁର ବିଶ୍ୱବିଦ୍ୟାଳୟର ୩୩ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ରାଜ୍ୟପାଳ କହିଛନ୍ତି, ଛାତ୍ର ଜୀବନର ଅଭ୍ୟାସ ସାରା ଜୀବନ ରହିଥାଏ। ଛାତ୍ରଛାତ୍ରୀମାନେ ଅନୁଶାସନରେ ରହିବା ଓ ଶିଖିବା ଦରକାର। ସମୃଦ୍ଧ ଇତିହାସ ଓ ପ୍ରାଚୀନ ଜ୍ଞାନକୁ ନେଇ ଜାତୀୟ ଶିକ୍ଷାନୀତି -୨୦୨୦ ପ୍ରସ୍ତୁତ କରାଯାଇଛି ବୋଲି ରାଜ୍ୟପାଳ ନିଜ ବକ୍ତବ୍ୟରେ କହିଛନ୍ତି। ଏହି ଅବସରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ତରଫରୁ ୨ଜଣଙ୍କୁ ଡିଲିଟ୍, ୭୮ଜଣଙ୍କୁ ପିଏଚଡି ଡିଗ୍ରୀ ଓ ୫୬ ଜଣଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ସି.ଏସ୍.ଆଇ.ଆର୍-ଆଇ.ଏମ୍.ଏମ୍.ଟି.ର ନିର୍ଦ୍ଦେଶକ ଡକ୍ଟର ରାମାନୁଜ ନାରାୟଣ ସମ୍ମାନୀତ ଅତିଥି ଓ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୂଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ମୁଖ୍ୟ ବକ୍ତାଭାବରେ ଯୋଗ ଦେଇଥିଲେ।

## ନିର୍ବାଚନ-ଯୁବ ଭୋଟର

ଆଗାମୀ ସାଧାରଣ ନିର୍ବାଚନରେ ଅଧିକରୁ ଅଧିକ ଯୁବ ଭୋଟରଙ୍କୁ ମତଦାନ କରିବା ଲାଗି ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଅନେକ କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଉଛି। ମିଳିଥିବା ସୂଚନା ଅନୁସାରେ,

ଟର୍ଣ୍ଣିଂ ଏଇଟିନ୍ ଏବଂ ଆପଣ ହିଁ ଏକ କାର୍ଯ୍ୟକ୍ରମ ଜରିଆରେ କମିଶନ ଯୁବ ଭୋଟରମାନଙ୍କୁ ଆକୃଷ୍ଟ କରୁଛି। ସାମାଜିକ ଗଣମାଧ୍ୟମ, ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ, ୟୁଟ୍ୟୁବ୍ ଜରିଆରେ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ ପ୍ରଦର୍ଶିତ କରାଯାଉଛି।

## ସୁବିଧା ପୋର୍ଟାଲ-ଓଡ଼ିଶା

ନିର୍ବାଚନ ପ୍ରକ୍ରିୟାରେ ପ୍ରାର୍ଥୀଙ୍କୁ ସହଯୋଗ କରିବା ପାଇଁ ଭାରତର ନିର୍ବାଚନ କମିଶନଙ୍କ ତରଫରୁ ସୁବିଧା ପୋର୍ଟାଲ ପ୍ରଚଳନ କରାଯାଇଛି। ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, ବିଗତ ୨୦ ଦିନ ମଧ୍ୟରେ ସୁବିଧା ପୋର୍ଟାଲରେ ୭୩ ହଜାରରୁ ଅଧିକ ଆବେଦନ କରାଯାଇଛି। ସେଥିମଧ୍ୟରୁ ୪୪ ହଜାର ୬୦୦ରୁ ଅଧିକ ଅନୁରୋଧକୁ କମିଶନ ଅନୁମୋଦନ କରିଛନ୍ତି। ସୁବିଧା ପୋର୍ଟାଲରେ ଓଡ଼ିଶାରୁ ୯୨ଟି ଆବେଦନ କରାଯାଇଛି । ନିର୍ବାଚନ ପ୍ରଚାର ସମୟର ଗୁରୁତ୍ୱ ଅନୁସାରେ ସୁବିଧା ପୋର୍ଟାଲ ପ୍ରାଥମିକତା ଭିତ୍ତିରେ ବିଭିନ୍ନ ରାଜନୈତିକ ଦଳ ଏବଂ ପ୍ରାର୍ଥୀଙ୍କର ଅନୁମତି, ଅନୁରୋଧକୁ ପୂରଣ କରାଯାଇଥାଏ।

## ଏନ୍‌ସିଇଆର୍‌ଟି ପାଠ୍ୟପୁସ୍ତକ କଳାବଜାରୀ

ରାଷ୍ଟ୍ରୀୟ ଶିକ୍ଷା ଗବେଷଣା ଓ ତାଲିମ ପରିଷଦ - ଏନ୍.ସି.ଇ.ଆର୍.ଟି ପକ୍ଷରୁ ଅନ୍‌ଲାଇନ୍‌ରେ ଉପଲବ୍ଧ ବିଭିନ୍ନ ଶ୍ରେଣୀର ପାଠ୍ୟପୁସ୍ତକ ଗୁଡ଼ିକୁ ଅସାଧୁ ଉପାୟରେ ମୁଦ୍ରଣ କରି କେତେକ ପ୍ରକାଶକ ବିକ୍ରୟ କରୁଥିବା ନଜରକୁ ଆସିଛି ବୋଲି ଏନ୍‌ସିଇଆର୍‌ଟି କର୍ତ୍ତୃପକ୍ଷ କହିଛନ୍ତି । ଏହି

ପାଠ୍ୟପୁସ୍ତକ ଗୁଡ଼ିକୁ ଏନ୍‌ସିଇଆର୍‌ଟି ୱେବ୍‌ସାଇଟ୍‌ରୁ ଡାଉନ୍‌ଲୋଡ କରି ପୁସ୍ତକ ପ୍ରକାଶନ କରି ବିକ୍ରି କରାଯାଉଥିବାରୁ ଅସାଧୁ ବ୍ୟବସାୟୀଙ୍କ ବିରୁଦ୍ଧରେ କପିରାଇଟ୍ ଆଇନ୍-୧୯୫୭ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏନ୍‌ସିଇଆର୍‌ଟି କର୍ତ୍ତୃପକ୍ଷ କହିଛନ୍ତି । ଯଦି କୌଣସି ବ୍ୟକ୍ତି କିମ୍ବା ଛାତ୍ରଛାତ୍ରୀ ଏପରି ଅସାଧୁ ଉପାୟରେ ପ୍ରସ୍ତୁତ ପୁସ୍ତକର ସନ୍ଧାନ ପାଇଥାନ୍ତି ତେବେ ଏନ୍‌ସିଇଆର୍‌ଟି କର୍ତ୍ତୃପକ୍ଷଙ୍କୁ ଜଣାଇବା ପାଇଁ ଅନୁରୋଧ କରାଯାଇଛି ।

## ଜଙ୍ଗଲ ନିଆଁ

ରାଜ୍ୟରେ ଆଜି ସୁଦ୍ଧା ୮ ହଜାର ସ୍ଥାନରେ ଜଙ୍ଗଲ ନିଆଁ ଲାଗିଥିବା ନେଇ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ– ପି.ସି.ସି.ଏଫ୍ ଦେବୀଦତ୍ତ ବିଶ୍ୱାଳ କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ, ଶ୍ରୀ ବିଶ୍ୱାଳ କହିଛନ୍ତି, ପ୍ରାୟ ୯୯ ଦଶମିକ ୫ ପ୍ରତିଶତ ନିଆଁ ଆୟତ୍ତ କରାଯାଇଛି। ନିଆଁଲିଭା କାର୍ଯ୍ୟରେ ୩୬୭ ସ୍କ୍ୱାର୍ଡ ନିୟୋଜିତ ହୋଇଛନ୍ତି। ଗତବର୍ଷ ଏହି ସମୟ ସୁଦ୍ଧା ୨୭ ହଜାର ସ୍ଥାନରେ ଜଙ୍ଗଲ ନିଆଁ ଲାଗିଥିଲା ବୋଲି ପି.ସି.ସି.ଏଫ୍ କହିଛନ୍ତି। କାଳବୈଶାଖୀ ଏବଂ ବନ ବିଭାଗ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ଯୋଗୁଁ ଜଙ୍ଗଲ ନିଆଁକୁ ଆୟତ୍ତ କରାଯାଇପାରିଛି । କୋରାପୁଟ, ଭବାନୀପାଟଣା ଓ ବ୍ରହ୍ମପୁର ବନଖଣ୍ଡ ଅଞ୍ଚଳରେ ଗତକାଲି ୨୫୬ଟି ସ୍ଥାନରେ ଜଙ୍ଗଲ ନିଆଁ ଚିହ୍ନଟ କରାଯାଇଥିଲା। **ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ**ର ତଥ୍ୟ ଅନୁସାରେ ଗତକାଲି ଅପରାହ୍ଣ ସାଢ଼େ ଗୋଟାଏ ସୁଦ୍ଧା

ରାଜ୍ୟର ୨୮୪ଟି ସ୍ଥାନରେ ଜଙ୍ଗଲରେ ନିଆଁ ଲାଗିଥିଲା। ମାଲକାନଗିରି ଏବଂ କୋରାପୁଟ ଜିଲ୍ଲାରେ ୧୫୦ରୁ ଅଧିକ ସ୍ଥାନରେ ଜଙ୍ଗଲ ନିଆଁ ଚିହ୍ନଟ ହୋଇଥିଲା । ସୂଚନାଯୋଗ୍ୟ ଗତ ମାର୍ଚ୍ଚ ମାସରେ ଦେଶରେ ୫୮ହଜାର ୮୦୦ରୁ ଅଧିକ ସ୍ଥାନରେ ଜଙ୍ଗଲ ଗୁଡ଼ିକରେ ନିଆଁ ଲାଗିଥିବା ବେଳେ ଚଳିତ ମାସର ଗତକାଲି ସୁଦ୍ଧା ୨୨ହଜାର ୬୦୦ଟି ସ୍ଥାନରେ ଦେଶର ଜଙ୍ଗଲ ଗୁଡ଼ିକରେ ନିଆଁ ଲାଗିଥିବା ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆର ତଥ୍ୟରେ କୁହାଯାଇଛି ।

## ଅଶ୍ଳୀଳ ଖବର ବ୍ୟାନ୍

କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ୧୮ଟି ଓଟିଟି ପ୍ଲାଟଫର୍ମ, ୧୯ଟି ୱେବସାଇଟ୍, ୧୦ଟି ମୋବାଇଲ୍ ଆପ୍ ଏବଂ ୫୭ଟି ସାମାଜିକ ଗଣମାଧ୍ୟମ ଆକାଉଣ୍ଟକୁ ନିଷିଦ୍ଧ କରାଯାଇଛି। ଅଶ୍ଳୀଳତା ଏବଂ ଅନୈତିକତା ଉପରେ ଆଧାରିତ ଏହିସବୁ ଗଣମାଧ୍ୟମ ଗୁଡ଼ିକର ପ୍ରସାରଣ ଉପରେ ମନ୍ତ୍ରଣାଳୟ ତରଫରୁ ରୋକ୍ ଲଗାଯାଇଛି।

## ସକାଳୁଆ କୋର୍ଟ

ରାଜ୍ୟର ସବୁ ଜିଲ୍ଲାସ୍ତରୀୟ ଏବଂ ନିମ୍ନ ଅଦାଲତଗୁଡ଼ିକ ଆଜିଠାରୁ ସକାଳୁଆ କାର୍ଯ୍ୟ ଆରମ୍ଭ ହୋଇଛି । ପୂର୍ବାହ୍ନ ୭ଟାରୁ କୋର୍ଟ କାର୍ଯ୍ୟାଳୟ ଗୁଡ଼ିକ ଖୋଲିଛି । ବ୍ରହ୍ମପୁର, ଛତ୍ରପୁର, ଭୁବନେଶ୍ୱର, କୋରାପୁଟ ସଦର ଏବଂ ପୁରୀ ସଦର ଅଦାଲତ ବ୍ୟତୀତ ଅନ୍ୟ ସବୁ

କୋର୍ଟର କାର୍ଯ୍ୟ ସକାଳ ସାଢ଼େ ୭ଟାରୁ ସାଢ଼େ ୧୨ଟା ପର୍ଯ୍ୟନ୍ତ ଚାଲିବ । ଅନ୍ୟ କୋର୍ଟ ଗୁଡ଼ିକର କାର୍ଯ୍ୟ ଅପରାହ୍ଣ ଗୋଟାଏ ପର୍ଯ୍ୟନ୍ତ ଚାଲିବ । ସକାଳ ୧୦ଟାରୁ ଅଧଘଣ୍ଟାଏ ପାଇଁ ବିରତି ରହିବ ବୋଲି ଓଡ଼ିଶା ହାଇକୋର୍ଟ ରେଜିଷ୍ଟ୍ରାରଙ୍କ ପକ୍ଷରୁ କୁହାଯାଇଛି ।

## ମେଡ଼ିକାଲ କଲେଜ ପିଜି ସିଟ୍

ରାଜ୍ୟର ୪ଟି ସରକାରୀ ମେଡ଼ିକାଲ କଲେଜ କୋରାପୁଟ, ବଲାଙ୍ଗୀର, ବାରିପଦା ଏବଂ ବାଲେଶ୍ୱରରେ ସ୍ନାତକୋତ୍ତର, ପିଜି ପାଠ୍ୟକ୍ରମ ଆରମ୍ଭ ହେବ । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ପିଜି ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ଜାତୀୟ ମେଡ଼ିକାଲ କମିଶନଙ୍କ ଅନୁମତି ଲୋଡାଯାଇଛି । ଏହି ୪ ମେଡ଼ିକାଲ କଲେଜର ଅଧ୍ୟାପକ ସ୍ଥିତି ଓ ଅନୁଧ୍ୟାନ କରାଯାଇ ପିଜି ସିଟ୍ ସଂଖ୍ୟା ସ୍ଥିର କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ କହିଛି ।

## ସଡ଼କ ଦୁର୍ଘଟଣା

କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ ମଣ୍ଡାକିଆ ପଞ୍ଚାୟତ ବୁଢାମାହା ଠାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୩ ଜଣଙ୍କର ମୃତ୍ୟୁ ହୋଇଛି। ୩ ଜଣ ଯୁବକ ଦଣ୍ଡନାଚ ଦେଖି ସ୍କୁଟି ଯୋଗେ ଘରକୁ ଫେରୁଥିବାବେଳେ, ଯାନଟି ଭାରସାମ୍ୟ ହରାଇ ପୋଲରେ ବାଡ଼େଇ ହୋଇଥିଲା। ଫଳରେ

ଏହି ଦୁର୍ଘଟଣା ଘଟିଛି । ଦମକଳ ବାହିନୀ ଘଟଣାସ୍ଥଳରେ ପହଁଞ୍ଚି ସେମାନଙ୍କୁ ଗୁରୁତର ଅବସ୍ଥାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା ।

## ଜାତୀୟ ଅର୍ଥ କମିଶନ-ମନୋଜ ପଣ୍ଡା

କଳାହାଣ୍ଡି ଜିଲ୍ଲା ଜୁନାଗଡ ବ୍ଲକ ମାଲିଗୁଡା ଗ୍ରାମର ଡକ୍ଟର ମନୋଜ ପଣ୍ଡାଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଷୋଡଶ ଜାତୀୟ ଅର୍ଥ କମିଶନର ପୂର୍ଣ୍ଣକାଳୀନ ସଦସ୍ୟ ଭାବେ ନିଯୁକ୍ତି ଦେଇଛନ୍ତି । ଡକ୍ଟର ପଣ୍ଡା ପୂର୍ବରୁ ଇନ୍ଦିରାଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇକୋନୋମିକ୍ସରେ ପ୍ରଫେସର ଏବଂ ନୂଆଦିଲ୍ଲୀର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇକୋନୋମିକ୍ ଗ୍ରୋଥ୍‌ର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ ।

## ସୂର୍ଯ୍ୟୋପରାଗ

ଚଳିତ ବର୍ଷର ପ୍ରଥମ ସୂର୍ଯ୍ୟୋପରାଗ ଆଜି ଦୃଶ୍ୟମାନ ହେବ । ଏହା ଏକ ପୂର୍ଣ୍ଣଗ୍ରାସ ସୂର୍ଯ୍ୟୋପରାଗ ହୋଇଥିବାରୁ ଜ୍ୟୋତିର୍ବିଜ୍ଞାନୀମାନଙ୍କ ମତରେ ଏହି ସୂର୍ଯ୍ୟୋପରାଗ ଅତ୍ୟନ୍ତ ସୁନ୍ଦର ଏବଂ ବିରଳ ହେବ । ଯୁକ୍ତରାଷ୍ଟ୍ର ଆମେରିକା, କାନାଡ଼ା ଏବଂ ମେକ୍‌ସିକୋର କେତେକ ଅଞ୍ଚଳରେ ପୂର୍ଣ୍ଣ ସୂର୍ଯ୍ୟୋପରାଗ ଦେଖାଯିବ । ଭାରତୀୟ ସମୟ ଆଜି ରାତି ୯ଟା ୧୨ ମିନିଟ୍‌ରେ ସୂର୍ଯ୍ୟୋପରାଗ ଆରମ୍ଭ ହୋଇ ମଧ୍ୟରାତ୍ରି ୨ଟା ୨୨ ମିନିଟ୍‌ରେ ଶେଷ ହେବ । ସର୍ବାଧିକ ପରାଗ ରାତି ୧୧ଟା ୪୭ ମିନିଟ୍

ସମୟରେ ଦୃଶ୍ୟମାନ ହେବ ବୋଲି ଜ୍ୟୋତିର୍ବିଜ୍ଞାନୀମାନେ ଅନୁମାନ କରିଛନ୍ତି ।

## ସାଧାରଣ ନିର୍ବାଚନ ପାଇଁ ମୌଳିକ ସୁବିଧା

ଆସନ୍ତା ସାଧାରଣ ନିର୍ବାଚନ ସମୟରେ ସମସ୍ତ ବୁଥ୍‌ରେ ଭୋଟରଙ୍କ ପାଇଁ ଆବଶ୍ୟକ ସର୍ବନିମ୍ନ ମୌଳିକ ସୁବିଧା ଉପଲବ୍ଧ ସୁନିଶ୍ଚିତ କରିବା ପାଇଁ ଭଦ୍ରକ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ' ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ ସମୁଦାୟ ୧ ହଜାର ୩୦୯ଟି ବୁଥ୍‌ରେ ମତଦାନ ଗ୍ରହଣ କରାଯିବ। ଏସବୁ ବୁଥ୍‌ମାନଙ୍କରେ ପାନୀୟଜଳ, ଶୌଚାଳୟ, ରାମ୍ପ, ବିଦ୍ୟୁତ ବ୍ୟବସ୍ଥା, ଦିବ୍ୟାଙ୍ଗ ଭୋଟରଙ୍କ ପାଇଁ ହ୍ୱିଲ୍ ଚେୟାର ଆଦି ଆନୁଷଙ୍ଗିକ ସୁବିଧା କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି।

## ରଥକାଠ

ପୁରୀରେ ଆଗାମୀ ରଥଯାତ୍ରା ପାଇଁ ଶ୍ରୀଜୀଉଙ୍କ ରଥ ନିର୍ମାଣ ନିମନ୍ତେ ବର୍ତ୍ତମାନସୁଦ୍ଧା ୨୫ଟି ଧଉରା ଏବଂ ୧୨ଟି ଫାଶି ଗଛ ଚିହ୍ନଟ ହୋଇଛି। ଶ୍ରୀମନ୍ଦିରରୁ ଯାଇଥିବା ଏକ ପ୍ରତିନିଧି ମଣ୍ଡଳୀ ଜଙ୍ଗଲ ବିଭାଗ ସହଯୋଗରେ ନୟାଗଡ଼ ଏବଂ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଡିଭିଜନର ଜଙ୍ଗଲ ଅଂଚଳରୁ ଏହି ଗଛଗୁଡ଼ିକୁ ଚିହ୍ନଟ କରିଛନ୍ତି।

ସୂଚନାଯୋଗ୍ୟ, ରଥ ନିର୍ମାଣ ପାଇଁ ୮୬୫ଟି ଅଶନ, ଧଉରା, ଫାଶି, ସିମିଳି ଆଦି କାଠର ଆବଶ୍ୟକତା ରହିଛି ।

## ପାଣିପାଗ

କାଳବୈଶାଖୀର ପ୍ରଭାବରେ ରାଜ୍ୟରେ ତାପମାତ୍ରା ହ୍ରାସ ପାଇଛି । ପାଣିପାଗ ବିଭାଗର ସୂଚନା ଅନୁସାରେ ଆସନ୍ତାକାଲି ୨୪ ଘଣ୍ଟା ମଧ୍ୟରେ ପୁରୀ, ଖୋର୍ଦ୍ଧା, କଟକ, ଜଗତସିଂହପୁର, ନୟାଗଡ଼, ଗଞ୍ଜାମ, ଗଜପତି, ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର ଜିଲ୍ଲା ସହିତ ରାଜ୍ୟର ଅନ୍ୟ କେତେକ ସ୍ଥାନରେ ଝଡ଼ତୋଫାନ, ବର୍ଷା ଓ ବଜ୍ରପାତର ସମ୍ଭାବନା ଅଛି । କାଳବୈଶାଖୀ ଯୋଗୁଁ ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇଯାଇଛି । ଗତକାଲି ସର୍ବୋଚ୍ଚ ତାପମାତ୍ରା ମାଲକାନଗିରିରେ ୪୧ ଦଶମିକ ୧ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି । ଆଜି ସକାଳୁ ପାଗ ମେଘୁଆ ରହିଛି ଏବଂ କେତେକ ସ୍ଥାନରେ ସ୍ୱଳ୍ପ ବର୍ଷା ହୋଇଯାଇଛି ।

**********************************